# NATIONAL NEWS BULLETIN (ODIA)

**25 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଶ୍ୱରେ ଦେଖାଦେଇଥିବା ଅନିଶ୍ଚିତତା ସତ୍ତ୍ୱେ ଭାରତର ସୁନିଶ୍ଚିତ ଦ୍ରୁତ ବିକାଶ ସମ୍ଭବ ବୋଲି ବିଶ୍ୱସ୍ତରୀୟ ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି, କହିଲେ ପ୍ରଧାନମନ୍ତ୍ରୀ
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଆଜିଠାରୁ ପାଞ୍ଚଦିନିଆ ବିହାର, ମଧ୍ୟପ୍ରଦେଶ ଓ ଗୁଜରାଟ ଗସ୍ତ ଆରମ୍ଭ
- ମହାଶିବରାତ୍ରି ଅବସରରେ ଆସନ୍ତାକାଲି ଶେଷ ହେବ ପ୍ରୟାଗରାଜର ଐତିହାସିକ ମହାକୁମ୍ଭ
- ଦିଲ୍ଲୀ ବିଧାନସଭାରେ ବିଶୃଙ୍ଖଳିତ ଆଚରଣ ପାଇଁ ୧୨ ଜଣ ଆପ୍ ବିଧାୟକ ଗୃହରୁ ବହିଷ୍କୃତ

ଏବଂ

- ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍‌ରେ ଆଜି ରାଓଲପିଣ୍ଡିରେ ଗ୍ରୁପ୍-ବି ରେ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବ ମୁକାବିଲା

---

## ପିଏମ୍-ଆସାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଶ୍ୱରେ ଦେଖାଦେଇଥିବା ଅନିଶ୍ଚିତତା ସତ୍ତ୍ୱେ ଭାରତର ସୁନିଶ୍ଚିତ ଦ୍ରୁତ ବିକାଶ ସମ୍ଭବ ବୋଲି

ବିଶ୍ୱସ୍ତରୀୟ ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି ।  ଗୌହାଟୀରେ ଆୟୋଜିତ ଆଡଭାଣ୍ଟେଜ୍ ଆସାମ  ୨.୦ ପୁଞ୍ଜି ନିବେଶ ଓ ଭିତ୍ତିଭୂମି ଶିଖର ସମ୍ମିଳନୀର ପୂର୍ଣ୍ଣାଙ୍ଗ ଅଧିବେଶନକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତା ୨୫ ବର୍ଷକୁ ଦୃଷ୍ଟିରେ ରଖି ଭାରତ ଗୋଟିଏ ପରେ ଗୋଟିଏ ପାହାଚ ଆଗକୁ ଯାଉଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ଶାସନ, ଯାହା ସବୁ ସମୟରେ ସଂସ୍କାରିତ ହୋଇ ଆଗକୁ ବଢୁଛି, ତାହା ଉପରେ ସାରା ବିଶ୍ୱର ଭରସା ରହିଛି। ଭାରତର ଯୁବପିଢ଼ି ସବୁବେଳେ ନିଜକୁ ଦକ୍ଷ କରିବା ସହିତ ନୂତନ ସ୍ୱପ୍ନ ପୂରଣ କରିବା ପାଇଁ ଆଗକୁ ବଢ଼ି ଚାଲିଛି।

**V/O**

ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ଶିଖର ସମ୍ମିଳନୀରେ ଉଦ୍‌ଘାଟନୀ ଅଧିବେଶନ ସମେତ ଅନ୍ୟ ୧୪ଟି ଅଧିବେଶନ ରହିଛି । ଏଥିରେ ଶିଳ୍ପ ବିକାଶ, ବାଣିଜ୍ୟ ଭାଗିଦାରୀ ଏବଂ ଆସାମର ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯିବ । ଏଥିରେ ୨୪୦ରୁ ଅଧିକ ପ୍ରଦର୍ଶନକାରୀ ଭାଗ ନେବେ ।

ପ୍ରଧାନମନ୍ତ୍ରୀଙ୍କ ସହିତ ଏହି କାର୍ଯ୍ୟକ୍ରମରେ ଆସାମ ରାଜ୍ୟପାଳ ଏଲ୍.ପି. ଆଚାର୍ଯ୍ୟ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, କେନ୍ଦ୍ର ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲଙ୍କ ସମେତ ୬୧ଜଣ କୂଟନୀତିଜ୍ଞ ଓ ବିଭିନ୍ନ ଦେଶର ବ୍ୟବସାୟିକ ପ୍ରତିନିଧି ଦଳ ଯୋଗଦେଇଛନ୍ତି ।

---

# ପ୍ରେସିଡେଣ୍ଟ ଥ୍ରୀ ଡେ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଆଜିଠାରୁ ପାଞ୍ଚଦିନିଆ ବିହାର, ମଧ୍ୟପ୍ରଦେଶ ଓ ଗୁଜରାଟ ଗସ୍ତ ଆରମ୍ଭ ହୋଇଛି । । ଗସ୍ତର ପ୍ରଥମ ଦିନରେ ରାଷ୍ଟ୍ରପତି ବିହାରର ପାଟନା ମେଡିକାଲ୍ କଲେଜ୍‌ର ଶତବାର୍ଷିକୀ ସମାରୋହରେ ଯୋଗ ଦେଇଛନ୍ତି । ଆସନ୍ତାକାଲି ରାଷ୍ଟ୍ରପତି ମଧ୍ୟପ୍ରଦେଶର ଏକ ସାମୂହିକ ବିବାହ ସମାରୋହରେ ଯୋଗଦେବା ସହ ଗୁଜରାଟର ଷ୍ଟାଚ୍ୟୁ ଅଫ୍ ୟୁନିଟି ପରିଦର୍ଶନ କରିବେ । ଏହି ଗସ୍ତ କାଳରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆସନ୍ତା ଗୁରୁବାର ଦିନ କେବାଡିଆ ଠାରେ ଏକତା ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିବା ସହ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ୍‌ର ୪୪ତମ ସମାବର୍ତ୍ତନ ଉତ୍ସବ ଏବଂ ନ୍ୟାସନାଲ୍ ଫରେନ୍‌ସିକ୍ ସାଇନ୍ସ ୟୁନିଭରସିଟିର ତୃତୀୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ସେହିଦିନ ଭୁଜ୍‌ରେ ଥିବା ସ୍ମୃତିବନ ଭୂକମ୍ପ ସ୍ମାରକୀ ପରିଦର୍ଶନ କରିବା ସହ ମାର୍ଚ୍ଚ ୧ରେ ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳ ଧଲାବିରା ପରିଦର୍ଶନ କରିବେ ।

---

# ଦିଲ୍ଲୀ-ଆସେମ୍ବ୍ଲି

ଦିଲ୍ଲୀ ବିଧାନସଭାରେ ବିଶୃଙ୍ଖଳିତ ଆଚରଣ ପାଇଁ ୧୨ ଜଣ ଆମ୍‌ଆଦମୀ ପାର୍ଟିର ବିଧାୟକଙ୍କୁ ଗୃହରୁ ବହିଷ୍କାର କରାଯାଇଛି । ୧୨ଜଣଙ୍କ ମଧ୍ୟରେ ବିରୋଧୀଦଳ ନେତା ଅତିଶୀ ଓ ବରିଷ୍ଠ ଆପ୍ ନେତା ଗୋପାଳ ରାୟ ଅଛନ୍ତି । ଆଜି ପୂର୍ବାହ୍ନରେ ଉପରାଜ୍ୟପାଳ ଭି.କେ. ସାକ୍‌ସେନା ଗୃହକୁ ସମ୍ବୋଧନ କରୁଥିବା ବେଳେ ବିରୋଧୀ ସଦସ୍ୟମାନେ ନାରାବାଜି କରିଥିଲେ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ କାର୍ଯ୍ୟାଳୟରୁ

ଡକ୍ଟର ବି.ଆର୍. ଆମ୍ବେଦକର ଓ ଭଗତ ସିଂଙ୍କ ଫଟୋ ପ୍ରତ୍ୟାହୃତ ହୋଇଥିବା ଘଟଣାକୁ ନେଇ ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ତେବେ ସଦସ୍ୟମାନଙ୍କର ଏହି ଅଭିଯୋଗକୁ ଶାସକ ବିଜେପି ଅସ୍ୱୀକାର କରିଥିଲେ । ଉପରାଜ୍ୟପାଳ ଗୃହରେ ଶାନ୍ତିରକ୍ଷା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ସୁଦ୍ଧା ଅଚଳାବସ୍ଥା ଜାରି ରହିଥିଲା । ଉପରାଜ୍ୟପାଳ ବିଶୃଙ୍ଖଳିତ ଆଚରଣ ଅଭିଯୋଗରେ ଆପ୍ ର ୧୨ ଜଣ ସଦସ୍ୟଙ୍କୁ ପରେ ବହିଷ୍କୃତ କରିଥିଲେ ।

ବହିଷ୍କୃତ ସଦସ୍ୟମାନେ ବିଧାନସଭା ବାହାରେ ଉପରାଜ୍ୟପାଳଙ୍କ ନିଷ୍ପତ୍ତିର ବିରୋଧ କରିଥିଲେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

---

## ଆରବିଆଇ

ଦେଶର ଘରୋଇ କ୍ଷେତ୍ରର କମ୍ପାନୀ ଗୁଡ଼ିକ ୨୦୨୩-୨୪ ଆର୍ଥିକ ବର୍ଷରେ ଅଧିକ ଲାଭ କରିବା ସହିତ ଋଣ ପରିମାଣକୁ ହ୍ରାସ କରିଛନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କ-ଆର୍‌ବିଆଇର ସୂଚନା ଅନୁଯାୟୀ, କମ୍ପାନୀ ଗୁଡ଼ିକର ଲାଭ ୪ ଦଶମିକ ୨ ପ୍ରତିଶତରୁ ୧୫ ଦଶମିକ ୩ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିଭଳି ଉତ୍ପାଦନ କ୍ଷେତ୍ରରେ କମ୍ପାନୀଗୁଡ଼ିକର ଲାଭ ୧୩ ଦଶମିକ ୨ ପ୍ରତିଶତ ବୃଦ୍ଧି ପାଇଛି। ଆର୍‌ବିଆଇ ସୂଚନା ଅନୁଯାୟୀ,ରସାୟନ, ଫାର୍ମାସ୍ୟୁଟିକାଲ୍‌ସ, ବିଦ୍ୟୁତ୍ ଯନ୍ତ୍ରପାତି ଓ ଯାନବାହାନ କମ୍ପାନୀଗୁଡ଼ିକର ସ୍ଥାୟୀ ସମ୍ପତ୍ତିରେ ୧୦ ପ୍ରତିଶତ ବୃଦ୍ଧି ପାଇଛି । ପୁଞ୍ଜି ବଜାରରେ ପଞ୍ଜୀକୃତ ହୋଇ ନଥିବା ବେସରକାରୀ କମ୍ପାନୀଗୁଡ଼ିକର ମଧ୍ୟ ଲାଭ ହୋଇଥିବା ଆର୍‌ବିଆଇ ରିପୋର୍ଟରେ ପ୍ରକାଶ ପାଇଛି ।

---

# ତେଲଙ୍ଗାନା ଟନେଲ୍

ତେଲଙ୍ଗାନାର ନାଗର ପୂର୍ଣ୍ଣଲ୍ ଜିଲ୍ଲାର ଶ୍ରୀସାଇଲାମ କେନାଲ୍ ଟନେଲ ମଧ୍ୟରେ ରହିଯାଇଥିବା ଶ୍ରମିକମାନଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଇତିମଧ୍ୟରେ ୪ ଦିନ ବିତିଯାଇଥିଲେ ସୁଦ୍ଧା କୌଣସି ଶ୍ରମିକଙ୍କୁ ଉଦ୍ଧାର କରାଯାଇ ପାରିନାହିଁ । ସେନା, ନୌବାହିନୀ, ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ସ୍ଥାନୀୟ ପ୍ରଶାସନ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଟନେଲ୍ ମଧ୍ୟରେ ପାଣି ଗଳୁଥିବା ଓ କାଦୁଅ ଭର୍ତ୍ତି ହୋଇ ରହିଥିବାରୁ ଉଦ୍ଧାରକାର୍ଯ୍ୟ ବିଳମ୍ବିତ ହେଉଛି । ସୂଚନାଯୋଗ୍ୟ ଗତ ଶନିବାର ଦିନ ନିର୍ମାଣାଧୀନ ଏହି କେନାଲ୍‌ର ଛାତ ଭୁଶୁଡ଼ି ପଡ଼ିଥିଲା । ଫଳରେ ୨ ଜଣ ଇଞ୍ଜିନିୟରଙ୍କ ସମେତ ପ୍ରାୟ ୧୨ ଜଣ ଲୋକ ଟନେଲ୍ ମଧ୍ୟରେ ଫଶି ରହିଛନ୍ତି ।

---

# ମହାକୁମ୍ଭ-ମହାଶିବରାତ୍ରି

ପ୍ରୟାଗରାଜର ଐତିହାସିକ ମହାକୁମ୍ଭ ଆସନ୍ତାକାଲି ମହାଶିବରାତ୍ରି ଅବସରରେ ଆନୁଷ୍ଠାନିକ ଭାବେ ଶେଷ ହେବ । ଏହାକୁ ଦିବ୍ୟ ଓ ଆକର୍ଷଣୀୟ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ।

ପ୍ରୟାଗରାଜ ଜିଲ୍ଲା ମାଜିଷ୍ଟ୍ରେଟ୍ ରବୀନ୍ଦ୍ର କୁମାର ମାଦଣ୍ଡ କହିଛନ୍ତି, ମହାକୁମ୍ଭକୁ ସ୍ମରଣୀୟ କରିବା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଶ୍ରଦ୍ଧାଳୁଙ୍କ ସହଜ ଯାତ୍ରା ଓ ଅନୁଭୂତିକୁ ଅବିସ୍ମରଣୀୟ କରିବା ଲାଗି ପ୍ରଶାସନ ଲକ୍ଷ୍ୟ ରଖିଛି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯାଇଥିବା ଜିଲ୍ଲା

ମାଜିଷ୍ଟ୍ରେଟ୍ କହିଛନ୍ତି । ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁବିଧାକୁ ପ୍ରାଥମିକତା ଦିଆଯାଉଛି ଏବଂ ସ୍ନାନ ଘାଟ ଓ ମନ୍ଦିର ପରିସରରେ ନିୟମିତ ଭାବେ ସ୍ୱଚ୍ଛତା ଉପରେ ନଜର ରଖାଯାଉଛି । ମହାଶିବରାତ୍ରି ଦୃଷ୍ଟିରୁ ଆସନ୍ତାକାଲି ଲେଟେ ହୁ ହନୁମାନ ମନ୍ଦିର, ଅକ୍ଷୟବଟ ଏବଂ ସରସ୍ୱତୀ କୂପ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

# ବ୍ରେଷ୍ଟ କ୍ୟାନ୍ସର

ଅଷ୍ଟ୍ରେଲିଆ ଏବଂ ନିଉଜିଲ୍ୟାଣ୍ଡରେ ଅଧିକସଂଖ୍ୟାରେ ସ୍ତନ କର୍କଟ ରୋଗ ଦେଖାଯାଉଛି । ଅଷ୍ଟ୍ରେଲିଆ ଓ କାନାଡାର ଗବେଷକମାନଙ୍କ ଦ୍ୱାରା ୧୮୫ଟି ଦେଶରେ ସ୍ତନ କର୍କଟ ରୋଗୀଙ୍କୁ ନେଇ କରାଯାଇଥିବା ଏକ ଅନୁଧ୍ୟାନରୁ ଏହା ଜଣାପଡ଼ିଛି । ଅନୁଧ୍ୟାନରୁ ଜଣାପଡ଼ିଛି, ବିଶ୍ୱସ୍ତରରେ ପ୍ରତି ୨୦ ଜଣ ମହିଳାଙ୍କ ମଧ୍ୟରୁ ଜଣଙ୍କଠାରେ ସ୍ତନକର୍କଟ ରୋଗ ଦେଖାଦେଉଛି । ସ୍ତନ କର୍କଟ ରୋଗ ହୋଇଥିବା ୭୦ ଜଣଙ୍କ ମଧ୍ୟରୁ ଜଣେ ଏହି କାରଣରୁ ମୃତ୍ୟୁବରଣ କରୁଥିବା ଅନୁଧ୍ୟାନରୁ ଜଣାପଡ଼ିଛି । ତେବେ ବିଶ୍ୱର ସବୁଠାରେ ଏହା ସମାନ ଭାବରେ ଦେଖାଯାଉ ନାହିଁ । ୨୦୨୨ ମସିହାରେ ଅଷ୍ଟ୍ରେଲିଆ ଓ ନିଉଜିଲ୍ୟାଣ୍ଡରେ ପ୍ରତି ୧ଲକ୍ଷ ମହିଳାଙ୍କ ମଧ୍ୟରେ ପ୍ରାୟ ୧୦୦ଜଣଙ୍କଠାରେ ସ୍ତନ କର୍କଟ ରୋଗ ଦେଖାଦେଇଥିଲା । ନୂତନ ଗବେଷଣାରୁ ଜଣାପଡ଼ିଛି, ମାଲ୍ଟା, ଡେନ୍ମାର୍କ, ବେଲ୍ଜିୟମ, ସ୍ୱିଜରଲ୍ୟାଣ୍ଡ, ଲିଥୁଆନିଆ, ନେଦରଲ୍ୟାଣ୍ଡ୍ ଓ ସ୍ଲୋଭେନିଆରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା କର୍କଟ ରୋଗକୁ ନିୟନ୍ତ୍ରଣ କରିବାକୁ ଆରମ୍ଭ କରାଯାଇଥିବା **GBCI** କାର୍ଯ୍ୟକ୍ରମ ଲାଗୁ କରାଯାଇଛି । ୨୦୫୦ ମସିହା ସୁଦ୍ଧା ସ୍ତନ କର୍କଟ ରୋଗ ୩୮ ପ୍ରତିଶତ ହାରରେ ବୃଦ୍ଧି ପାଇବା ସହିତ ଏହି ରୋଗରୁ ମୃତ୍ୟୁସଂଖ୍ୟା ୬୮ ପ୍ରତିଶତ ବୃଦ୍ଧି ପାଇବ ବୋଲି ରିପୋର୍ଟରେ ସତର୍କ କରାଯାଇଛି ।

# କ୍ରିକେଟ୍-ଆଇସିସି ଚାମ୍ପିୟନ୍ସ ଟ୍ରଫି

ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍‌ରେ ଆଜି ରାଓଲପିଣ୍ଡିରେ ଗ୍ରୁପ୍-ବି ରେ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ । ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫ ଓ୍ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରିଛି । ଗତକାଲି ପାକିସ୍ତାନର ରାଓଲପିଣ୍ଡିରେ ଅନୁଷ୍ଠିତ ଗ୍ରୁପ୍-ଏର ଏହି ମ୍ୟାଚ୍‌ରେ ଜିତିବା ପରେ ନ୍ୟୁଜିଲାଣ୍ଡ ଦଳ ସେମିଫାଇନାଲ୍‌ରେ ଖେଳିବା ନିଶ୍ଚିତ ହୋଇଛି । ଗ୍ରୁପ୍-ଏରେ ଭାରତ ମଧ୍ୟ ସେମିଫାଇନାଲ୍ ଖେଳିବ । ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ଗ୍ରୁପ୍-ଏରେ ୪ ପଏଣ୍ଟ ଲେଖାଏଁ ପାଇ ତାଲିକାର ଶୀର୍ଷରେ ଅଛନ୍ତି । ଅନ୍ୟ ପକ୍ଷରେ ବାଂଲାଦେଶ ଏବଂ ଆୟୋଜକ ପାକିସ୍ତାନ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି ।

ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୫୦ ଓଭରରେ ୯ ଓ୍ୱିକେଟ୍ ବିନିମୟରେ ୨୩୬ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡ ୪୬ ଓଭର ଗୋଟିଏ ବଲ୍‌ରେ ୫ ଓ୍ୱିକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

---

# ଓ୍ୱିମେନ୍ସ ଲିଗ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଆଜି ବେଙ୍ଗାଲୁରୁର ଏମ୍. ଚିନାସ୍ୱାମୀ ଷ୍ଟାଡିୟମରେ ଗୁଜରାଟ ଜାଏଣ୍ଟସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍ ରାତି ୭ଟା ୩୦ ମିନିଟରେ

ଅନୁଷ୍ଠିତ ହେବ । ଚଳିତ ଲିଗ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ଖେଳିଥିବା ୪ଟି ମ୍ୟାଚ୍ ମଧ୍ୟରୁ ୨ଟି ମ୍ୟାଚ୍‌ରେ ଜିତିଥିବା ବେଳେ ଅନ୍ୟ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୋଇଛି । ଅନ୍ୟପକ୍ଷରେ ଗୁଜରାଟ ଜ୍ୟାଏଣ୍ଟ୍‌ସ ୩ଟି ମ୍ୟାଚ୍ ଖେଳି ମାତ୍ର ଗୋଟିଏ ମ୍ୟାଚ୍ ଜିତିପାରିଛି ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ୟୁପି ୱାରିଅର୍ସ' ରୟାଲ୍‌ଚାଲେଞ୍ଜର୍ସ ବାଙ୍ଗାଲୋରକୁ ପରାସ୍ତ କରିଛି । ବେଙ୍ଗାଲୁରୁରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ସୁପର୍ ଓଭର୍‌ରେ ୟୁପି ୱାରିଅର୍ସ ବିଜୟୀ ହୋଇଥିଲା ।

---

## ପାଣିପାଗ

ଆସନ୍ତା ଦୁଇଦିନ ମଧ୍ୟରେ ପଶ୍ଚିମ ହିମାଳୟ ଅଞ୍ଚଳ ଏବଂ ଉତ୍ତର-ପୂର୍ବ ସମତଳ ଅଞ୍ଚଳର ଅନେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ଆକାଶବାଣୀକୁ ସ୍ୱତନ୍ତ୍ର ସାକ୍ଷାତକାରରେ ଭାରତୀୟ ପାଣିପାଗ ବିଭାଗର ବରିଷ୍ଠ ବୈଜ୍ଞାନିକ ଡକ୍ଟର ସୋମା ସେନ୍ ରଏ କହିଛନ୍ତି ଦେଶର ପଶ୍ଚିମ ଉପକୂଳବର୍ତ୍ତୀ ଅଞ୍ଚଳରେ ଆଗାମୀ ଦୁଇ ତିନିଦିନ ମଧ୍ୟରେ ତାପମାତ୍ରା ବୃଦ୍ଧି ପାଇବ ।

---